# NATIONAL NEWS BULLETIN (ODIA)
## 27th July - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## <u>ମୁଖ୍ୟ ସମ୍ବାଦ</u>

- ସ୍ୱଚ୍ଛ ଭାରତ ମିଶନ' ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

— ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଓଡ଼ିଶାର ସାନ୍ତାଳୀ ଶାଢ଼ୀ ଓ କେନ୍ଦୁଝରର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀକୁ କଲେ ପ୍ରଶଂସା ।

- ସଂସ୍କାରମୂଳକ ପଦକ୍ଷେପ ଏବଂ ମିଶନ ମୋଡ୍ ପ୍ରକଳ୍ପ ପରିଚାଳନା ଯୋଗୁଁ ଦେଶର ସମନ୍ୱିତ ବିକାଶ ହୋଇପାରିଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

- ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା' ବିକଶିତ ଭାରତ ଗଠନ ଦିଗରେ ଏକ ରୂପାନ୍ତରଣ ପଦକ୍ଷେପ; ବାଣିଜ୍ୟ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ପଞ୍ଚମ ଦିନରେ ୧୭୪ ରନ୍‌ରୁ ଭାରତର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ।

## ପି.ଏମ୍. - ରାଜେନ୍ଦ୍ର ଚୋଳ

ତାମିଲ୍‌ନାଡୁର ଆରିୟାଲୁର୍ ଜିଲ୍ଲାରେ ଚୋଳରାଜା ରାଜେନ୍ଦ୍ର ଚୋଳ-ପ୍ରଥମଙ୍କର ଜନ୍ମବାର୍ଷିକୀ ପାଳନର ଉଦ୍‌ଯାପନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ମୋଦି ସେହି ଜିଲ୍ଲାରେ ଥିବା ଗଙ୍ଗାଇକୋଣ୍ଡା ଚୋଳାପୁରମ୍ ମନ୍ଦିରରେ ପୂଜାର୍ଚ୍ଚନା କରି ୧୪୦ କୋଟି ଭାରତୀୟ ଏବଂ ଦେଶର ନିରନ୍ତର ପ୍ରଗତି ନିମନ୍ତେ ମଙ୍ଗଳ କାମନା କରିଛନ୍ତି । ସେ କହିଛନ୍ତି, ରାଜା ରାଜା ଚୋଳ ଏବଂ ରାଜେନ୍ଦ୍ର ଚୋଳଙ୍କ ମଧ୍ୟରେ ରହିଥିବା ସମାନତା ଭାରତର ପରିଚୟ ଏବଂ ଗୌରବ ବହନ କରେ ।

***Voice (Modi - Chola)*** :........

ପ୍ରଧାନମନ୍ତ୍ରୀ ଏହି ଅବସରରେ ଭାରତର ମହାନ୍ ପରାକ୍ରମୀ ରାଜା' ରାଜେନ୍ଦ୍ର ଚୋଳ-ପ୍ରଥମଙ୍କ ସମ୍ମାନାର୍ଥେ ଏକ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆଜି ତାମିଲନାଡୁରେ ଏକ ବିରାଟ ରୋଡ୍ ଶୋ'

କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ତାଙ୍କୁ ଅଗଣିତ ଜନତା ପତାକା ଦେଖାଇ ଏବଂ ସ୍ଲୋଗାନ ଦେଇ ସ୍ୱାଗତ କରିଥିଲେ ।

## ମନ୍ କୀ ବାତ୍

ଦେଶରେ ସ୍ୱଚ୍ଛ ଭାରତ ମିଶନ ଗତ ୧୧ ବର୍ଷ ମଧ୍ୟରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଗୋଟିଏ ଚିନ୍ତାଧାରା ନେଇ ଆଗେଇ ଚାଲିଥିବାରୁ ଏହି ଅଭିଯାନ ସଫଳ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଆଜି ଆକାଶବାଣୀ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି ସେ କହିଛନ୍ତି, ଲୋକମାନେ ସ୍ୱଚ୍ଛତା ରକ୍ଷା କରିବାକୁ ନିଜର କର୍ତ୍ତବ୍ୟ ବୋଲି ମାନିଛନ୍ତି ଏବଂ ଏହାହିଁ ହେଉଛି ଜନସାଧାରଣଙ୍କର ପ୍ରକୃତ ଜନଭାଗିଦାରୀ । ପ୍ରତିବର୍ଷ ହେଉଥିବା ସ୍ୱଚ୍ଛ ସର୍ବେକ୍ଷଣ ଏହି ଭାବନାକୁ ଆହୁରି ତ୍ୱରାନ୍ୱିତ କରୁଛି । ଚଳିତ ବର୍ଷ ଦେଶର ୪ ହଜାର ୫ ଶହରୁ ଅଧିକ ସହର ଏବଂ ଅଞ୍ଚଳ ଏହି ଅଭିଜାନରେ ସାମିଲ ଅଛନ୍ତି ଏବଂ ୧୫ କୋଟିରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice (PM - Swachha)*** :………

ପ୍ରଧାନମନ୍ତ୍ରୀ କହିଛନ୍ତି, ଅଗଷ୍ଟ ମାସ ହେଉଛି କ୍ରାନ୍ତିର ମାସ । ଆସନ୍ତା ପହିଲାରେ ବାଲ୍ ଗଙ୍ଗାଧର ତିଲକଙ୍କ ପୁଣ୍ୟତିଥି ପାଳନ କରାଯାଉଥିବାବେଳେ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ । ଚଳିତବର୍ଷ ଏହି ଦିବସ ପାଳନର ୧୦ବର୍ଷ ପୂର୍ତ୍ତି ପାଳିତ ହେବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ହସ୍ତତନ୍ତ ଶିଳ୍ପ ସହ ଜଡିତ ସଫଳତାର କାହାଣୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ମୟୂରଭଞ୍ଜରେ ୬୫୦ରୁ ଅଧିକ ଆଦିବାସୀ ମହିଳା ସାନ୍ତାଳୀ ଶାଢ଼ୀକୁ ପୁର୍ନଜୀବିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ମହିଳାମାନେ ଅର୍ଥ ଉପାର୍ଜନ ସହ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଭାରତ ଆତ୍ମନିର୍ଭରଶୀଳତାର ସହ ଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆତ୍ମନିର୍ଭର ଭାରତର ସବୁଠାରୁ ବଡ ଆଧାର ହେଉଛି ଭୋକାଲ ଫର୍ ଲୋକାଲ । ଏଥିପାଇଁ ସଂକଳ୍ପବଦ୍ଧ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଲୋକଗୀତ ଏବଂ ପରମ୍ପରାରେ ଦେଶର ବିବିଧତାର ସବୁଠାରୁ ସୁନ୍ଦର ଝଲକ୍ ଦେଖିବାକୁ ମିଳିଥାଏ । ଏହାର ଏକ ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀର ଉଦାହରଣ ଦେଇଛନ୍ତି । ଭକ୍ତି ସହିତ ଏହି ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ମନ୍ତ୍ର ପ୍ରଚାର କରୁଛି । ଏହାର ପ୍ରେରଣା ହେଉଛନ୍ତି ପ୍ରମିଳା ପ୍ରଧାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଦେଶର ସଂସ୍କୃତି, ପରମ୍ପରା ଏବଂ ପାଣ୍ଡୁଲିପି ଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି । ପର୍ବପର୍ବାଣି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନାଗପଞ୍ଚମୀ, ରକ୍ଷାବନ୍ଧନ ଏବଂ ଜନ୍ମାଷ୍ଟମୀ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ରାଜନାଥ - କନ୍‌ଭୋକେସନ୍‌ମ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ଅପରେସନ୍ ସିନ୍ଦୂରର ସଫଳତାପାଇଁ ସେନାବାହିନୀ କାର୍ଯ୍ୟର ନିରନ୍ତର ସୁପରିଚାଳନା ଏକ ସିଦ୍ଧାନ୍ତକାରୀ ପଦକ୍ଷେପ ଥିଲା ବୋଲି କହିଛନ୍ତି । ଭଦୋଦୋରା ଗତିଶକ୍ତି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ' ରଣନୈତିକ ଗୁରୁତ୍ୱ ଦୃଷ୍ଟିରୁ ଅତି ସୂକ୍ଷ୍ମଭାବରେ ସେନାବାହିନୀ କାର୍ଯ୍ୟ ଅନୁଧ୍ୟାନ କରାଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଦେଶର ଅର୍ଥନୈତିକ ପ୍ରଗତି ଦିଗରେ ସେନାବାହିନୀ କାର୍ଯ୍ୟର ଗୁରୁତ୍ୱ ରହିଛି । ଏହା ପ୍ରାକ୍-ଉତ୍ପାଦନରୁ ବ୍ୟବହାର ପର୍ଯ୍ୟନ୍ତ ପ୍ରତିଟି ପଦକ୍ଷେପ ମଧ୍ୟରେ ସଂଯୋଗ ସ୍ଥାପନ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଦେଶର ମୋଟ୍ ଘରୋଇ ଉତ୍ପାଦ - ଜି.ଡି.ପି ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଗୁରୁତ୍ୱ ବହନ କରେ । କୋଭିଡ୍ ସମୟରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ସେହି ସମୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲକ୍ଷ ଲକ୍ଷ ପ୍ରତିଷେଧକ ଟିକା, ଅକ୍ସିଜେନ୍ ସିଲିଣ୍ଡର ଏବଂ ଡାକ୍ତରୀ ଦଳ ପଠାଇବାରେ ସହାୟକ ହୋଇଥିଲା ।

ଗତ ୧୧ ବର୍ଷ ମଧ୍ୟରେ ଭାରତ ଆଖିଦୃଶିଆ ଭିତ୍ତିଭୂମି ବିକାଶ ହୋଇପାରିଥିବା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ସରକାରଙ୍କ ନୀତିରେ ସଂସ୍କାରମୂଳକ ପଦକ୍ଷେପ ଏବଂ ମିଶନ ମୋଡ୍ ପ୍ରକଳ୍ପ ପରିଚାଳନା ଯୋଗୁଁ ସମନ୍ୱିତ ବିକାଶ ସମ୍ଭବପର ହୋଇପାରିଛି ବୋଲି ସେ କହିଛନ୍ତି । ଏହା କେବଳ ଲୋକଙ୍କ ମଧ୍ୟରେ ସୀମିତ ନୁହେଁ; ବରଂ ଏହା ଦେଶର ଅର୍ଥନୈତିକ ଉତ୍ପାଦକତାକୁ ବୃଦ୍ଧି କରିଥାଏ ।

ଗତିଶକ୍ତି ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ମତାମତ ଦେଇ ଶ୍ରୀ ସିଂହ କହିଛନ୍ତି, ଦେଶର ଯୁବବର୍ଗଙ୍କୁ ଗତି ସହିତ ଶକ୍ତି ପ୍ରଦାନ ଏକ ପ୍ରଶଂସନୀୟ ପଦକ୍ଷେପ । ବର୍ତ୍ତମାନ ସମୟରେ ଡିଜିଟାଇଜେସନ, ସ୍ୱୟଂ ପରିଚାଳନା, କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ସେନା କାର୍ଯ୍ୟ ପୂର୍ବାନୁମାନ, ଦୀର୍ଘସ୍ଥାୟୀ ପରିବହନ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ଅବସରରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତୀୟ ରେଳବିଭାଗରେ ଗତ ୧୧ ବର୍ଷ ମଧ୍ୟରେ ବ୍ୟାପକ ପରିବର୍ତ୍ତନ ହୋଇଥିବା ପ୍ରକାଶ କରିଛନ୍ତି । ଦେଶରେ ରେଳ ନେଟ୍‌ୱାର୍କ ବ୍ୟବସ୍ଥା ଗତ ଏକବର୍ଷ ମଧ୍ୟରେ ୫ ହଜାର ୩୦୦ କିଲୋମିଟର ରେଳଲାଇନ୍ ସମ୍ପ୍ରସାରିତ କରାଯାଇଛି ।

ଟନେଲ୍ ନିର୍ମାଣ କାର୍ଯ୍ୟ ମଧ୍ୟ ୩୬୮ କିଲୋମିଟରରେ ପହଞ୍ଚିପାରିଛି । ଭାରତର ବିକାଶ ଯାତ୍ରାରେ ସ୍ନାତକ ଛାତ୍ରମାନଙ୍କର ଅବଦାନକୁ ଶ୍ରୀ ବୈଷ୍ଣବ ପ୍ରୋତ୍ସାହିତ କରିଛନ୍ତି । ସେ ଯୁବବର୍ଗଙ୍କୁ ବିକାଶର ଇଞ୍ଜିନ୍ ବୋଲି ସମ୍ବୋଧନ କରିବା ସହ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ସମର୍ଥନ ଯୋଗାଇବାକୁ ଆହ୍ୱାନ ଦେଇଛନ୍ତି । ସମାବର୍ତ୍ତନ ସମାରୋହରେ ସମୁଦାୟ ୧୯୪ ଜଣ ଛାତ୍ରଙ୍କୁ ବିଭିନ୍ନ ବିଭାଗରେ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

## ମୁମ୍ବାଇ-ଇଣ୍ଡିଆ-ୟୁ.କେ.

ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ପରେ ମୁମ୍ବାଇରେ ଆଜି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ବୁଝାମଣା ଭାରତର ଅନ୍ତର୍ଜାତୀୟ ବାଣିଜ୍ୟିକ ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ ବୋଲି କୁହାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ "ବ୍ରିଟେନ୍ ବଜାରରେ ରପ୍ତାନୀ ସୁଯୋଗ" ସଂକ୍ରାନ୍ତ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବୁଝାମଣା ଯୋଗୁଁ ଭାରତର ରପ୍ତାନୀକାରୀ ଏବଂ ଉଦ୍ୟୋଗୀମାନଙ୍କପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମତପ୍ରକାଶ ପାଇଥିଲା ।  କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋୟଲ୍ କହିଛନ୍ତି, ଭାରତୀ ଓ ବ୍ରିଟେନ୍

ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା କେବଳ ଏକ ବାଣିଜ୍ୟିକ ବୁଝାମଣା ନୁହେଁ; ବରଂ ଏହା ବିକଶିତ ଭାରତ ଦିଗରେ ଏକ ସୁଦୃଢ଼ ଏବଂ ରୂପାନ୍ତରଣ ପଦକ୍ଷେପ । ଏହି ବୁଝାମଣା ମତ୍ସ୍ୟ, ବୟନ, ଅଳଙ୍କାର, ପ୍ରଯୁକ୍ତିବିଦ୍ୟା, ଅଣୁ-କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆଦି ଅନ୍ତର୍ଜାତୀୟ ବଜାରରେ ଏକ ନୂତନ ପ୍ରତିଯୋଗିତାମୂଳକ ସୁଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଗୋୟଲ୍ କହିଛନ୍ତି । ବିଶ୍ୱ ସ୍ତରରେ ଭାରତୀୟ ନିର୍ମାଣକାରୀ ସଂସ୍ଥାଗୁଡ଼ିକୁ ସହଜ, ସରଳ, ମୁକ୍ତ ଏବଂ ସ୍ୱଚ୍ଛ ବଜାର ସୁବିଧା ଯୋଗାଇଦେବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଗୋୟଲ୍ ସ୍ୱଷ୍ଟୋକ୍ତି ପ୍ରଦାନ କରିଥିଲେ ।

## ଲୋକସଭା - ଅପରେସନ୍ ସିନ୍ଦୂର

ଲୋକସଭାରେ ଆସନ୍ତାକାଲି ଅପରେସନ ସିନ୍ଦୂର ସମ୍ପର୍କରେ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ରହିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ’ ପହଲ୍‌ଗାମ୍‌ରେ ସନ୍ତ୍ରାସବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂକ୍ରାନ୍ତରେ ଭାରତର ପ୍ରତିକ୍ରିୟା ନେଇ ଚଳିତ ମୌସୁମୀ ଅଧିବେଶନରେ ସ୍ୱତନ୍ତ୍ର ଆଲୋଚନା ହେବ ବୋଲି ସୂଚନା ପ୍ରଦାନ କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟ ଉପଦେଷ୍ଟା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

ଲୋକସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ବିତର୍କ ହେବା ନେଇ ସମୟ ଆବଣ୍ଟନ କରାଯାଇଛି । ସେହି ପରି ରାଜ୍ୟସଭାରେ ଆସନ୍ତା ମଙ୍ଗଳବାର ଆଲୋଚନାପାଇଁ ୧୬ ଘଣ୍ଟା ଧାର୍ଯ୍ୟ କରାଯାଇଛି । ବିରୋଧୀ ଦଳର ନେତାମାନେ ଏହି ପ୍ରସଙ୍ଗରେ ଆଲେଚନା ପାଇଁ ଗୃହରେ ଦାବି ଉପସ୍ଥାପନ କରିଥିଲେ ।

## କ୍ରିକେଟ୍

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ଼ଠାରେ ଚାଲିଥିବା ଆଣ୍ଡର୍ସନ-ତେନ୍ଦୁଲ୍କର ଟେଷ୍ଟ ମ୍ୟାଚ୍‌ର ପଞ୍ଚମ ଦିନର ଖେଳରେ ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ୍‌ରେ ୪ଟି ଓ୍ୱିକେଟ୍ ହରାଇ ୨୭୪ ରନ୍ କରିଛି । ଭାରତ ଆଜି ତା'ର ଦ୍ୱିତୀୟ ଇନିଙ୍ଗ୍‌ସର ବ୍ୟାଟିଂ ଗତକାଲି ସ୍କୋର କରିଥିବା ୨ ଓ୍ୱିକେଟ୍ ବିନିମୟରେ ୧୭୪ ରନ୍‌ରୁ ଆରମ୍ଭ କରିଛି ।

ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ୬ଶହ ଅଣସ୍ତରି ରନ୍ ସଂଗ୍ରହ କରିଛି । ଇଂଲଣ୍ଡ ପ୍ରଥମ ଇନିଂସ୍‌ରେ ଭାରତଠାରୁ ୩୧୧ରନ୍‌ରେ ଆଗୁଆ ରହିଥିଲା । ଭାରତ ତା'ର ପ୍ରଥମ ଇନିଂସ୍‌ରେ ୩୫୮ ରନ୍ ସ୍କୋର କରିଥିଲା । ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ କ୍ରିକେଟ୍ ସିରିଜ୍‌ରେ ଇଂଲଣ୍ଡ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଜିତି ଆଗରେ ରହିଥିବାବେଳେ ଭାରତ ଗୋଟିଏ ମ୍ୟାଚ୍ ଜିତିଛି ।

*****